ବିଭିନ୍ନ ସ୍ଥାନରେ ବେଧଡ଼କ ଚାଲିଛି ଜୁଆଖେଳ

ପୁରୁଷୋତ୍ତମପୁର ଜୁଆ ଆଡ୍ଡାରେ ଚଢ଼ଉ

୬ ଗିରଫ, ୨୫୩୦୦ଟଙ୍କା ଜବତ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାରେ ଗତ ୭ମାସ ହେଲା କରୋନା କଟକଣା ଫଳରେ ଲକଡାଉନ ଓ ସଟଡାଉନ ଜାରି ରହିଥିଲା । ଏହି ୭ମାସ ମଧ୍ୟରେ ଲୋକମାନେ ରୋଜଗାର ହରାଇ ବସିଥିବା ବେଳେ କେତେ ଲୋକମାନେ ଜୁଆ ଖେଳ ଦ୍ୱାରା ନିଜ ସମ୍ପତି ନଷ୍ଟ କରୁଛନ୍ତି । ଗଞ୍ଜାମ ପୋଲିସର ବର୍ତ୍ତମାନ ମୁଖ୍ୟତଃ ନଜର ରହିଛି ଜୁଆ ଖେଳ କାରଣ ଆଘକୁ ଦଶହରା ପର୍ବ ରହିଛି ଯାହା ଫଳରେ

ଜୁଆ ଖେଳ ତିବ୍ର ରୁପ ଧରିବା ଆଶଙ୍କା ରହିଛି । ଗଞ୍ଜାମ ଜିଲ୍ଲାରେ ପ୍ରତେକ ଦିନ ବିଭିନ୍ନ ଯାଗରେ ଚଢାଉ କରି ଜୁଆଡି ମାନଙ୍କୁ ଗିରଫ କରାଯାଉଛି ତା ପରେ ମଧ୍ୟ ଜୁଆ ଖେଳ ଥମିବାର ନାମ ନେଉନାହିଁ । ଆଜି ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ପୋଲିସ ଦ୍ୱାରା ଚଢାଉ କରି ୬ଜଣ ଜୁଆଡିଙ୍କୁ ଗିରଫ କରିବା ସହ ୨୫୩୦୦ ଟଙ୍କା ଜବତ ହୋଇଥିବା ସୁଚନା ଦେଇଛନ୍ତି ଥାନାଧିକାରୀ । ଆଗାମୀ ଦିନରେ ଚଢଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

କରୋନାରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ରାଉତଙ୍କ ମୃତ୍ୟୁ

ଆଳି (ଅମୃତ ମିଡିଆ): ଦୀର୍ଘ ୮ ମାସ ହେବ କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରି ରଖିଛି । ଦୈନିକ କରୋନା ଆକ୍ରାନ୍ତରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିବା ସହ ବହୁ ଧନ ଜୀବନ ହାନି ଘଟୁଛି । ଏହି ମୃତକମାନଙ୍କ ମଧ୍ୟରେ ଅଧିକାଂଶ କରୋନା ଯୋଦ୍ଧା ମଧ୍ୟ ରହିଛନ୍ତି । ରାଜ୍ୟ ସରକାର କରୋନା ଆରମ୍ଭରୁ ଜିଲ୍ଲା ସ୍ତରରୁ ଆରମ୍ଭ କରି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକରୁଥିବା ସମସ୍ତ ଅଧିକାରୀମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଏହା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମଧ୍ୟ ରହିଥିଲା । ବୁଧବାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଡୁପାଳ ଓ ଅଣ୍ଡରା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ପ୍ରଫୁଲ୍ଲ ରାଉତଙ୍କର କରୋନାରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱର୍ଗତ ରାଉତ ୧୦ ଦିନ ପୂର୍ବେ କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ରାଉତଙ୍କ ଘର ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ । ତାଙ୍କର ଏହି ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ସନାତନ ମିଶ୍ରଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

ବ୍ରହ୍ମପୁର କମିଶନରଙ୍କ ସାଇକେଲ ରାଲି

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ବର୍ତ୍ତମାନ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିସାରିଛି । କରୋନାକୁ ସମ୍ପୁର୍ଣ ଭାବରେ ରକିବାକୁ ହେଲେ ସ୍ୱଚ୍ଛତା ରଖିବା ନିହାତି ଆବଶ୍ୟକ । ଆଜି ଅପରାହ୍ନରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ଓ କରୋନା ସଚେତନତାକୁ ନେଇ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି । ବିଏମ୍ସି କକମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାଇକେଲ ରାଲିରେ ନିଗମର ପୁରୁଷ କର୍ମଚାରୀ ଓ ଅଧିକାରୀମାନେ ସାଇକେଲ ଜରିଆରେ ବ୍ରହ୍ମପୁର ସହର ପରିକ୍ରମା କରିଥିଲେ । ନିଜେ କମିଶନର ସାଇକେଲ

ଜରିଆରେ ଯାଇ ଲୋକଙ୍କୁ କରୋନା ଗାଇଡ ପାଳନ କରିବା ସହ ଆଖପାଖ ଅଂଚଳରେ ସ୍ୱଚ୍ଛତା ଓ ସୁନ୍ଦର ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଆଗକୁ ଆସୁଥିବା ଦଶହରା ପୂଜାକୁ ନଜରରେ ରଖି କୋଭିଡ ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

ମଦ ଭାଟିରେ ଚଢ଼ଉ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ଅବକାରୀ ବିଭାଗ କୁକୁଡାଖଣ୍ଡି ବ୍ଲକ କଣ୍ଡିଆଗଡ ଗ୍ରାମ ନିକଟ ଏକ ଦୁର୍ଗମ ଇଲାକାରେ ଚାଲିଥିବା ଏକ ବେଆଇନ ମଦଭାଟିରେ ଚଢାଉ କରିଛି । ସେଠାରୁ ୭ ହଜାର କେଜି ପୋଚ, ୧୮୦ ଲିଟର ରନ୍ଧା ମଦ ଜବତ କରାଯାଇଛି । ମଦବାଟି ସମ୍ପର୍କରେ ଖବରପାଇ ବ୍ରହ୍ମପୁର ଅବାକରୀ ଅଧୀ କ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢାଉ କରିବା ବେଳେ ମଦ ମାଫିଆମାନେ ଚମ୍ପଟ ମାରିଥିଲେ । କୁକୁଡାଖଣ୍ଡି ତହସିଲଦାର ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଅବକାରୀ ସଦର ଇନ୍‌ସେସ୍ପକ୍ଟର ରୋଶନ୍ ଇସୁ ହଂସଦା, ଏସ୍‌ଆଇ ବାଳକ ବିଶି, ଏସ୍‌ଆଇ ଶ୍ରୀଧର ମହାନ୍ତି, ଏସ୍‌ଆଇ ସନ୍ତୋଷ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ ।

ଜୁଆ ଆଡ୍ଡାରେ ଚଢ଼ଉ

୮୮୪୦୦ ଟଙ୍କା ଜବତ ଓ ୧୧ ଗିରଫ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଛି ଜୁଆ ଖେଳ । କେତେକ ଯାଗାରେ ଜୁଆ ଖେଳ ଉପରେ ଚଢଉ କରୁଛି ପୋଲିସ ତ ଅନ୍ୟ କେତେକ ଜୁଆ ଖେଳାଳୀ ପୋଲିସ ନଜରରୁ ବଞ୍ଚି ଖେଳ ଜାରି ରଖିଛନ୍ତି । ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ଗତକିଛି ଦିନ ତଳେ ଜୁଆ ଆଡ୍ଡା ଉପରେ ଚଢାଉ କରିବା ପରେ ଆଗକୁ ମଧ୍ୟ ଏକ ଜୁଆ ଆଡ୍ଡା ଉପରେ ଚଢାଉ ହେବ ବୋଲି ସୂଚନା ଦେଇଛନ୍ତି । ଆଜି ସୂଚନା ମୁତାବକ ବ୍ରହ୍ମପୁର ଟାଉନ ଥାନା ପୋଲିସ ପକ୍ଷରୁ ବ୍ରହ୍ମପୁର କର୍ପୋରେସନ ରୋଡ ନିକଟ ଏକ ଜୁଆ ଖେଳ ଚାଲିଥିବା

ସୂଚନା ପାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ୧୧ଜଣ ଜୁଆଡି, ନଗଦ ୮୮୪୦୦ ଟଙ୍କା , ୧୧ଟି ମୋବାଇଲ ଓ ଏକ ପ୍ୟାକେଟ ତାସ ଜବତ କରିଥିବା ସୂଚନା ମିଳିଛି ।

ଜାତୀୟ ରାଜପଥରେ ଶୀର୍ଷଖୁଣ୍ଟି ପୋତିବା ନେଇ ଗୁରୁତ୍ୱାରୋପ

ନୂଆପଡା (ଅମୃତ ମିଡିଆ): ନୂଆପଡା ଜିଲ୍ଲା ଖଡିଆଳ ସହରର ସୌନ୍ଦର୍ଯ୍ୟକରଣ ପାଇଁ ସହର ସଡକ ଆଲୋକ ସେବା ଆରମ୍ଭ ହୋଇଅଛି । ୨୦୧୯ ମସିହାରେ ପ୍ରସ୍ତାବିତ ହୋଇଥିବା ସହର ଆଲୁଅ ସେବା ମଞ୍ଜୁର ହୋଇ ଗ୍ରୀନ ଫିଲ୍ଡ ନାମକ ସଂସ୍ଥା ଏହାର କାର୍ଯ୍ୟ କରୁଅଛି । ଜାତୀୟ ରାଜପଥ ବିଭାଗର ଜମି ୩ ମିଟର ରହିଥିବା ବେଳେ ଏହି ବିଦ୍ୟୁତ ଖୁଂଟକୁ ଜାତୀୟ ରାଜପଥ ଶୀର୍ଷରେ ପୋତିବା ପାଇଁ ଅନୁରୋଧ କରାଯାଇଥିଲା । ବିଭିନ୍ନ ଆଳ ଦେଖାଇ ରାଜପଥର ୨ ମିଟରରେ ଖୁଂଟ ପୋତିବାକୁ ଗାତ ଖୋଳିଥିଲେ । ଏହାର ବିରୋଧ କରି ସମାଜସେବୀ ସଞ୍ଜୟ ଡିୱାରୀ ଏବଂ ସାମ୍ବାଦିକ ତପନ ଦାଶ ଘଟଣାସ୍ଥଳରେ ପହଂଚି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିଥିଲେ । ବର୍ତମାନ ରାଜପଥରେ ସାଢେ ୩ ମିଟର ଦୂରରେ ଖୁଂଟ ପୋତା ଯାଉଅଛି । ଆଗାମୀ ଦିନରେ ଖୁଂଟ ପାଖରେ ଥିଲେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଥିଲା । ଏହାକୁ ଏଡାଇବା ପାଇଁ ଆବଶ୍ୟକତା ଠାରୁ ଅଧିକ ଦୂରରେ ଖୁଣ୍ଟ ପୋତିଲେ କୌଣସି ଅସୁବିଧା ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି । ଏଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି ।

ନବଜାତ ଶିଶୁପୁତ୍ର ଉଦ୍ଧାର

ବୁଗୁଡା (ଅମୃତ ମିଡିଆ): ବୁଗୁଡା ଥାନା ନୂଆଗାଁ ରାମଚନ୍ଦ୍ରପୁରର ଜଣେ ବ୍ୟକ୍ତିଙ୍କ ଘର ଚାରିପଟୁ ସଦ୍ୟ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ଶିଶୁପୁତ୍ରଟି ବାରିପଟେ ପଡି କାନ୍ଦୁଥିବା ଶୁଣି ଉକ୍ତ ଘର ଲୋକେ ଆଶାକର୍ମୀଙ୍କୁ ଜଣାଇଥିଲେ । ଆଶାକର୍ମୀ ସାବିତ୍ରୀ ପ୍ରଧାନ, ସ୍ୱେଚ୍ଛାସେବୀ କେ. ଶ୍ରୀନିବାସ ଦୋରା ପହଞ୍ଚି ଶିଶୁପୁତ୍ରଟିକୁ ଉଦ୍ଧାର କରି ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ଶିଶୁଟି ସୁସ୍ଥ ଥିବା ଜଣାପଡିଛି । ଏ ନେଇ ବ୍ରହ୍ମପୁର ଚାଇଲ୍ଡ ଲାଇନ୍ ସଂସ୍ଥା ଖବର ପାଇ ଉକ୍ତ ଶିଶୁପୁତ୍ରକୁ ଆସି ନେଇଯାଇଥିଲେ ।

ଅନୁମତି ନ ମିଳିବା ପର୍ଯ୍ୟନ୍ତ ବନ୍ଦ ରହିବ ଧର୍ମାନୁଷ୍ଠାନ

ନିରାଡମ୍ବର ଦଶହରା ପାଳନ

ବୌଦ୍ଧ (ଅମୃତ ମିଡିଆ): କରୋନା ମହାମାରୀ ଯୋଗୁଁ ସରକାରୀ ନିର୍ଦ୍ଦେଶନାମା ମୁତାବକ ଦୀର୍ଘମାସ ହେଲା ବୌଦ୍ଧ ଜିଲ୍ଲାର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିଛି । ସେହିପରି ଏହି ସମୟ ମଧ୍ୟରେ ସମସ୍ତ ପର୍ବପର୍ବାଣିକୁ ନିରାଡମ୍ବର ଭାବରେ କେବଳ ବିଧି ମୁତାବକ ପାଳନ କରାଯାଇଆସିଛି । ଆଗକୁ ଦଶହରା ପର୍ବ ସହିତ ପବିତ୍ର କାର୍ତ୍ତିକ ମାସ ଆସୁଥିବା ବେଳେ ଧର୍ମାନୁଷ୍ଠାନ ଗୁଡିକ ଖୋଲିବା ନେଇ ସରକାରଙ୍କ ଉପରେ ଚାପ ବଢିବାରେ ଲାଗିଛି । ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ବୈଠକରେ ଜିଲାରେ ଧର୍ମାନୁଷ୍ଠାନ ଖୋଲିବା ନେଇ କର୍ମକର୍ତ୍ତାମାନଙ୍କ ମତ ସଂପର୍କରେ ଆଲୋଚନା କରାଯାଇଥିଲା । ପ୍ରାୟ ସମସ୍ତ କର୍ମକର୍ତ୍ତା କୋଭିଡ ୧୯ ନିୟମ ପାଳନ କରାଯିବା ସହିତ ଧର୍ମାନୁଷ୍ଠାନ ଖୋଲାଯିବା ସଂପର୍କରେ ମତପ୍ରକାଶ କରିଥିଲେ । ତେବେ ସରକାରଙ୍କ ପକ୍ଷରୁ ଧର୍ମାନୁଷ୍ଠାନ ଖୋଲାଯିବା ନେଇ ମାର୍ଗଦର୍ଶିକା ଉପରେ ଆଲୋଚନା କରାଯିବା ସହିତ ସମସ୍ତ କୋଭିଡ -୧୯ ନିୟମ ପାଳନ ସହିତ କର୍ମକର୍ତ୍ତା ଧର୍ମାନୁଷ୍ଠାନ ଖୋଲିବାରେ ଅସୁବିଧା ନାହିଁ କିନ୍ତୁ ସରକାରଙ୍କ ନିକଟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ପଠାଯିବା ପରେ ଯଦି ଅନୁମୋଦନ ମିଳେ ତେବେ ଆଗାମୀ ଦିନରେ ଜିଲାରେ ସମସ୍ତ ଧର୍ମାନୁଷ୍ଠାନ ଖୋଲାଯାଇପାରିବ ବୋଲି ଜିଲାପାଳ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଜିଲ୍ଲାରେ ଦଶହରା ପର୍ବ ପାଇଁ ବହୁ ସଂଖ୍ୟାରେ ପୂଜା କମିଟି ପକ୍ଷରୁ ପୂଜା ପ୍ରସ୍ତୁତି ଚାଲିଥିବା ବେଳେ ବୈଠକରେ ଏ ସଂପର୍କରେ ଆଲୋଚନା କରାଯାଇଥିଲା । ନିରାଡମ୍ବର ଭାବରେ ପୂଜା କମିଟି ଗୁଡିକ ପୂଜାବିଧି କରିପାରିବେ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ପୂଜା ମଣ୍ଡପ ଗୁଡିକରେ ସର୍ବସାଧାରଣ ଦର୍ଶନ ମନା ହୋଇଥିବାବେଳେ ମଣ୍ଡପ ଗୁଡିକ ସମ୍ମୁଖରେ ପରଦା ଟାଙ୍କି ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୋଭିଡ ନିୟମ ପାଳନ ସହିତ ନିର୍ଦ୍ଦିଷ୍ଟ ସଂଖ୍ୟାରେ କର୍ମକର୍ତ୍ତା ଓ ପୂଜକ ପୂଜା ମଣ୍ଡପ ମଧ୍ୟରେ ପ୍ରବେଶ କରି ପୂଜା ବିଧି ପାଳନ ପାଇଁ ଅନୁମତି ପ୍ରଦାନ କରାଯାଇଛି । ସେହିପରି ପୂଜା ମଣ୍ଡପ ନିକଟରେ ବିଧି ପାଳନ ପାଇଁ ବାଜା ବଜାଇବାକୁ ଅନୁମତି ପ୍ରଦାନ କରାଯାଇଛି । କୌଣସି ପୂଜା ମଣ୍ଡପରେ ଯେପରି ଜନଗହଳି ସୃଷ୍ଟି ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ଭାବରେ ଧ୍ୟାନ ରଖିବାକୁ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜିଲା ଆରକ୍ଷୀ ଅଧିକ୍ଷକ ଭି. ରଘୁନାଥ ରାଓ, ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତି ରଂଜନ ନାଏକ, ଉପଜିଲ୍ଲାପାଳ ଅଶ୍ୱନୀ କୁମାର ମେହେରଙ୍କ ସମେତ ବିଭିନ୍ନ ଧର୍ମାନୁଷ୍ଠାନ ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କରୋନା ସଚେତନତା ରାଲି

ବ୍ରହ୍ମପୁର (ଅମୃତ ମିଡିଆ): ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ମହାମାରୀ କରୋନା ଠାରୁ ନିଜକୁ ଦୁରେଇ ରଖିବା ଓ ଲୋକମାନଙ୍କ ନିକଟରେ କରୋନା ସଚେତନତା ବାର୍ତା ପହଞ୍ଚାବା ପାଇଁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ବିଭିନ୍ନ ପ୍ରୟାସ ଜାରି ରହିଛି । ଗୁରୁବାର ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ଜଗନ୍ନାଥ ପ୍ରସାଦ ବ୍ଲକର ବିଡିଓ ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ସାଇକେଲ ରାଲି ଆରମ୍ଭ କରାଯାଇଥିଲା । ପ୍ରଥମେ ବିଡିପୁର ପଂଚାୟତ ଠାରୁ ରାଲି ଆରମ୍ଭ କରି ଝାଡଭୁମି ଓ ଗଣ୍ଡାଧର ପଂଚାୟତ ଦେଇ ଜଗନ୍ନାଥ ପ୍ରସାଦ ବ୍ଲକରେ ପହଞ୍ଚିଥିଲେ । ଏହି ସାଇକେଲ ରାଲିରେ ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ , ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର ସ୍ୱାଇଁ , ବ୍ଲକ ଚେୟାରମେନ ପ୍ରତିନିଧି ଅନାଦି ବେହେରା , ଝାଡଭୁମି ସରପଞ୍ଚ ପ୍ରତିନିଧି ଭାଗିରଥି ମାଝି , ଗଣ୍ଡାଧର ସରପଞ୍ଚ ପ୍ରତିନିଧି ବିଜୟ କୁମାର ନାୟକ , ବିଡିପୁର ସମିତି ସଭ୍ୟ ଅମୀର ସ୍ୱାଇଁ , ଜଗନ୍ନାଥ ପ୍ରସାଦ ସରପଞ୍ଚ ଦେବୀ ପ୍ରସାଦ ମହାପାତ୍ର , ପିଇ ଓ ନାରାୟଣ ସାହୁ , ପିଇ ଓ ପ୍ରଦୀପ କୁମାର ପ୍ରଧାନ , ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ କୋଭିଡ ମନିଟର୍ , ଛାତ୍ର ଓ ଯୁବମୋର୍ଚ୍ଚା ଉପସ୍ଥିତ ରହିଥିଲେ ।

ସ୍କୁଲ୍ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

ସିଆର୍‌ସିସିଙ୍କୁ ତାଲା ପକାଇ ଧାରଣା

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ବ୍ଲକ କମାମଣା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ଚନ୍ଦ୍ରପଦା ସ୍କୁଲରେ ମିଶ୍ରଣ କରାଯିବା ନିଷ୍ପତ୍ତି ହୋଇଛି । ଏହାକୁ ଚଷାକମଣା ଗ୍ରାମବାସୀ ବିରୋଧ କରିବା ସହ ବୁଧବାର ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ । ଏଥିସହ ସ୍କୁଲ ଭିତରେ ଥିବା ସିଆରସିସି କମଳ କୁମାର ବେହେରାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଲା ପକାଇ ରଖିଥିଲେ । ଚଷାକମଣା ପ୍ରାଥମିକ ସ୍କୁଲରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୬ ଛାତ୍ରଛାତ୍ରୀ ଅଛନ୍ତି । ସେମାନେ ଅନ୍ୟ

ଏକ ପଞ୍ଚାୟତ ଅଧୀନକୁ ଯାଇ ସେଠାରୁ ସ୍କୁଲରେ ପଢିବା ପାଇଁ ରାଜି ନହେବା ସହ ସୁରକ୍ଷିତ ମନେ କରୁନାହାନ୍ତି ବୋଲି ସ୍କୁଲ କମିଟି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ କୌଣସି ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସିଆରସିସିଙ୍କୁ ଛଡାଯିବ ନାହିଁ ବୋଲି ସ୍ଥାନୀୟ ସରପଞ୍ଚ ଏସ. ଚକ୍ରପାଣି ରେଡୀ କହିଥିଲେ । ଏ ନେଇ ଛତ୍ରପୁର ଶିକ୍ଷାବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯିବାରେ ସିଆରସିସିଙ୍କୁ ଛଡାଯାଇଥିଲା । ସ୍କୁଲ ମିଶ୍ରଣ ନିଷ୍ପତ୍ତି ପ୍ରତ୍ୟାହାର ନ ହେବା ଯାଏ ସ୍କୁଲରେ ତାଲା ପଡିବ ଏବଂ ଗ୍ରାମର କୌଣସି ପିଲା ଅନ୍ୟ ଗ୍ରାମକୁ ପଢିବାକୁ ଯିବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ଏ ନେଇ ବିଇଓଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଛି ।